ଅମୃତ ଦୁନିଆ
୧୪ ଜୁନ୍ ୨୦୨୬

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

କେହି ଭୋକିଲା ଶୋଇବେନି, ଦୂରହେବ ଖାଦ୍ୟ ସମସ୍ୟା

ଯାଜପୁର (ଅମୃତ ମିଡିଆ): ରାଜ୍ୟରେ ନୂତନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶର ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମର ଉଦ୍ଘାଟନ ହୋଇଛି। ଏହି ଅବସରରେ ରାଜ୍ୟରୁ କ୍ଷୁଧା ନିବାରଣ ଏବଂ ପ୍ରତ୍ୟେକ ଗରିବ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଗାଇଦେବା ଲକ୍ଷ୍ୟ ନେଇ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ହୋଇଛି। ଯାଜପୁରରେ ସଂସ୍କୃତି ଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀଗଣ ଏବଂ ଜନସାଧାରଣ ଯୋଗ ଦେଇଥିଲେ।

ଏହି ଯୋଜନାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମାସିକ ମୁଣ୍ଡପିଛା ଅତିରିକ୍ତ ୫ କିଲୋ ଚାଉଳ ବଣ୍ଟନ କରାଯିବ। ପୂର୍ବରୁ କେବଳ ୫ କିଲୋ ଚାଉଳ ମିଳୁଥିବା ବେଳେ ଏଣିକି ଏପ୍ରିଲ ୨୦୨୬ ରୁ ପ୍ରତି ମାସରେ ମୁଣ୍ଡପିଛା ୧୦ କିଲୋ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ। ଏହି ଯୋଜନା ଅଧୀନରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ - ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ସମସ୍ତ ଯୋଗ୍ୟ ରାସନ କାର୍ଡଧାରୀଙ୍କୁ ସେମାନଙ୍କ ନିୟମିତ ପ୍ରାପ୍ୟ ବ୍ୟତୀତ ମାସିକ ହିତାଧିକାରୀ ପିଛା ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ବିନା ମୂଲ୍ୟରେ ବଣ୍ଟନ କରାଯିବ। ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଥିଲେ ଯେ, ଦାରିଦ୍ର୍ୟ ଓ କ୍ଷୁଧା ଦୂରୀକରଣ ଦିଗରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଏକ ମାଇଲଖୁଣ୍ଟ ହେବ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ସରକାର ଅତିରିକ୍ତ ଖାଦ୍ୟ ସୁରକ୍ଷା ଗ୍ୟାରେଣ୍ଟି ସୁନିଶ୍ଚିତ କରିଛନ୍ତି ବୋଲି ସାଂସଦ କହିଛନ୍ତି।

ଉତ୍ସବ ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ଏଥିସହ ମହିଳା ଏବଂ ଶିଶୁ ବିକାଶ ବିଭାଗର 'ପୋଷଣ ଯୋଜନା' ଅଧୀନରେ ଅଙ୍ଗନୱାଡ଼ି କର୍ମଚାରୀ, ସୁପରଭାଇଜରମାନଙ୍କୁ ସଶକ୍ତ ଓ ଡିଜିଟାଲ୍ ଦୁନିଆ ସହ ଯୋଡ଼ିବା ପାଇଁ ୧୦ ଟି ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ସଫଳତାକୁ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ଡକ୍ୟୁମେଣ୍ଟରୀ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା। ଯାଜପୁର ଜିଲ୍ଲାର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀମାନେ ମଧ୍ୟ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ଅତିରିକ୍ତ ୫ କେଜି ଚାଉଳ ମିଳିବାକୁ ନେଇ ସେମାନେ ଖୁସି ବ୍ୟକ୍ତ କରିବା ସହ ରାଜ୍ୟ ସରକାରଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ଶିଶୁ ଶ୍ରମ ବିରୋଧୀ ବିଶ୍ୱ ଦିବସ ପାଳିତ

ବ୍ରହ୍ମପୁର / ଦିଗପହଣ୍ଡି (ଅମୃତ ମିଡିଆ): ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ଗଞ୍ଜାମ ଆନୁକୂଲ୍ୟରେ ଆଜି ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ "ଶିଶୁ ଶ୍ରମ ବିରୋଧୀ ବିଶ୍ୱ ଦିବସ" ପାଳିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଶ୍ରୀ ବ୍ୟୋମକେଶ ନାୟକ, ସଚିବ, ଡିଏଲଏସଏ, ଗଞ୍ଜାମ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମାନ୍ୟବର ବରିଷ୍ଠ ସିଭିଲ ଜଜ, ଦିଗପହଣ୍ଡି ଶ୍ରୀମତୀ ମହେଶ୍ୱତା ପରିଜା ଏବଂ ତହସିଲଦାର ଶ୍ରୀ ସନ୍ତୋଷ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବକ୍ତାମାନେ ଶିଶୁ ଶ୍ରମର କୁପ୍ରଭାବ, ଶିଶୁମାନଙ୍କର ମୌଳିକ ଅଧିକାର, ଶିକ୍ଷାର ଗୁରୁତ୍ୱ ଏବଂ ଶିଶୁ ଶ୍ରମ ନିଷେଧ ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ। ସଭାପତି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଶିଶୁ ଶ୍ରମ ସମାଜ ପାଇଁ ଏକ ଗୁରୁତର ସମସ୍ୟା ଏବଂ ଏହାର ସମୂଳ ନିରାକରଣ ପାଇଁ ପ୍ରଶାସନ, ସାମାଜିକ ସଂଗଠନ ଓ ସାଧାରଣ ଜନତାଙ୍କର ସମ୍ମିଳିତ ପ୍ରୟାସ ଆବଶ୍ୟକ। ସେ ଶିଶୁମାନଙ୍କୁ ଶ୍ରମରୁ ଦୂରେଇ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ବିଭିନ୍ନ ବିଭାଗର କ୍ଷେତ୍ରସ୍ତରୀୟ କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଉପସ୍ଥିତ ଅଂଶଗ୍ରହଣକାରୀମାନେ ଶିଶୁ ଶ୍ରମ ନିରାକରଣ ଓ ଶିଶୁ ଅଧିକାର ସୁରକ୍ଷା ସମ୍ବନ୍ଧରେ ସଚେତନ ହେବା ସହ ଏହାର ପ୍ରଚାର ପ୍ରସାର କରିବାକୁ ସଂକଳ୍ପ ଗ୍ରହଣ କରିଥିଲେ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରାଯିବା ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

ବାଘୁଆ ନଦୀରୁ ବାଲି ଚୋରାଚାଲାଣ
୮ ବେଆଇନ ବାଲିବୋଝେଇ ଟ୍ରାକ୍ଟର ଜବତ

କବିସୂର୍ଯ୍ୟନଗର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଗୋଲାମୁଣ୍ଡୁଲା ଗ୍ରାମ ପାଖ ବାଘୁଆ ନଦୀରୁ ବାଲି ଚୋରା ଚାଲାଣ ବେଳେ ମାଡ଼ିବସିଲା ପୋଲିସ । ଚଢ଼ାଉ ବେଳେ ଆଠ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି କବିସୂର୍ଯ୍ୟନଗର ପୋଲିସ। ତେବେ ବାଘୁଆ ନଦିରୁ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ବେଳେ ବିଶେସୂତ୍ରରୁ ଖବରପାଇ କବିସୂର୍ଯ୍ୟନଗର ଥାନା ଅଧିକାରୀଙ୍କ ନେତୃତ୍ୱରେ ଗୋଟିଏ ଟିମ ଅତର୍କିତ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ନଦୀ ହୁଡାରେ ବାଲି ଲଦା ହୋଇ ରହିଥିବା ଆଠ ଟ୍ରାକ୍ଟର କୁ ପୋଲିସ ଜବତ କରିବା ସହ ଟ୍ରାକ୍ଟର ଗୁଡିକୁ ଥାନାରେ ଅଟକ ରଖିଛି । ଅନ୍ୟପଟେ ନଦୀରୁ ବାଲି ଲୋଡ୍ କରୁଥିବା ହାଇବା ଖସି ପଳାଇବାରେ ସଫଳ ହୋଇଥିବା ଜଣାପଡିଛି ।

କଇଁଫୁଲିଆ ହ୍ରଦ ମାଟିରେ କଲବଲ ସାଧାରଣ ଜନତା

ଆସିକା(ଅମୃତ ମିଡିଆ): ଆସିକା ସହରର କଇଁଫୁଲିଆ ହ୍ରଦରୁ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ହ୍ରଦରୁ ବାହାରୁଥିବା ପଙ୍କକୁ ନିକଟସ୍ଥ ବିଭିନ୍ନ ପ୍ଲଟିଂ ଜମିରେ ପକାଯାଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, କିଛି ଜମି ମାଫିଆଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ସେମାନଙ୍କ ଜମିରେ ଏହି ପଙ୍କ ପକାଯାଉଛି। ପଙ୍କ ବୋଝେଇ ଟ୍ରାକ୍ଟର ଗୁଡ଼ିକ ଯାତାୟାତ କରୁଥିବା ବେଳେ ରାସ୍ତା ଉପରେ ପଙ୍କ ପଡ଼ି ରହୁଥିବାରୁ ସାଧାରଣ ଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଦୁଇ ଚକିଆ ଯାନ ଚାଳକମାନେ ସ୍ଲିପ୍ ହୋଇ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏହା ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଅସନ୍ତୋଷର ପରିବେଶ ସୃଷ୍ଟି ହୋଇଛି।

ବିନା ଟେଣ୍ଡରରେ ଲକ୍ଷାଧିକ ଟଙ୍କାରେ ପୁରୁଣା ସାମଗ୍ରୀ ବିକ୍ରି
ଯନ୍ତ୍ରାଂଶ ବୋଝେଇ ଟ୍ରକ୍ ଜବତ କାଲା ପୋଲିସ

ଚାନ୍ଦବାଲି (ଅମୃତ ମିଡିଆ): ଚାନ୍ଦବାଲି ବ୍ଲକରେ ଅବସ୍ଥାପିତ ଜଳ ସମ୍ପଦ ବିଭାଗରେ ଗଛିତ ଥିବା ବହୁ ମୂଲ୍ୟବାନ ପୁରୁଣା ଯନ୍ତ୍ରାଂସକୁ ବିନା ଟେଣ୍ଡରରେ କବାଡି ଖାନାକୁ ଟ୍ରକ ମାଧ୍ୟମରେ ବୁହା ହେବା ବେଳେ ସ୍ଥାନୀୟ ବାସୀ ଗଣମାଧ୍ୟମ ଓ ପୋଲିସ ଖବର ଦେଇଥିଲେ। ଛୁଟି ଦିନରେ ଜଳ ସମ୍ପଦକାର୍ଯ୍ୟାଳୟ ବନ୍ଦ ଥିବା ବେଳେ ଗେଷ୍ଟ ହାଉସ ପରିସରରେ ଟ୍ରକରେ ଯନ୍ତ୍ରାଶ ଟ୍ରକ ମାଧ୍ୟମରେ ସ୍ଥାନାନ୍ତର ହେବା ଓ ଘଟଣାସ୍ଥଳରେ ନା ଜଳ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ନ ରହିବା ତାହା ସ୍ଥାନୀୟ ବାସୀଙ୍କର ସନ୍ଦେହ ଉପୁଜିଥିଲା । ସେହି ପୁରୁଣା ଯନ୍ତ୍ରାଂସ ଆନୁମାନିକ ମୂଲ୍ୟ ୭୦ରୁ ୮୦ଲକ୍ଷ ଟଙ୍କା ହୋଇଥିବା ବେଳେ କେଉଁ କାରଣରୁ ତାହା ଟେଣ୍ଡର ହୋଇ ନ ଥିଲା ଏବଂ ଏହି ଟେଣ୍ଡର କେମିତି ବିଡ଼ର ମାନେ ଭାଗ ନେଲେ ନାହିଁ । ଘଟଣା ସମ୍ପର୍କରେ ବିଭାଗୟ ଜେଇ ବାଣୀଶ୍ରୀ ନାୟକ ଏସିଙ୍କ ସହ ନିର୍ଦ୍ଦେଶରେ ସନ୍ତାଶ କବାଡି ବଲାକୁ ଦିଆ ଯାଇଛି ବୋଲି ସଫେଇ ଦେଇଥବାବେଳେ ଏହି ଘଟଣାରେ ଏସଡିଓ କିନ୍ତୁ ସିଧା ସିଦ୍ଧି ମୁହଁ ଖୋଲିଛନ୍ତି ତାଙ୍କୁ ଅଜାଣତରେ ଜେଇ ଏହି ବେ ଆଇନ କାଯ୍ୟ କରିଛନ୍ତି । ଅନ୍ୟପଟେ ଏହି ଘଟଣାରେ ସ୍ଥାନୀୟ ବାସୀ ଜେଇ ବାଣିଶ୍ରୀ ନାୟକ ଓ କବାଡିବଲାଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ହରଡ଼ଗଣାରେ ପଡିଛନ୍ତି ଜେଇ । ତେବେ ଏହି ଘଟଣାରେ ଜଳ ସମ୍ପଦ ବିଭାଗରେ ଉଚ୍ଚ କତୃପକ୍ଷ କଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଏବେ ଦେଖିବାକୁ ବାକି ରହିଲା ।

ଅସରାଏ ବର୍ଷାରେ ରାସ୍ତାଉପରେ ନର୍ଦ୍ଦମା ପାଣି

ଆସିକା (ଅମୃତ ମିଡିଆ): ଏନ୍ଏସିରୁ ମ୍ୟୁନିସିପାଲିଟିକୁ ଉନ୍ନୀତ ହୋଇଥିବା ଆସିକା ସହରରେ ଡ୍ରେନେଜ୍ ବ୍ୟବସ୍ଥାର ଦୁର୍ବଳତା ପୁଣି ଥରେ ପଦାକୁ ଆସିଛି। ଅସରାଏ ବର୍ଷାରେ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିବା ବେଳେ ନାଳ ଓ ନର୍ଦ୍ଦମା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଲକ୍ଷ୍ମୀ ବଜାର, ଖମ୍ବେଶ୍ୱରୀ ପାଠଣା, ବାଣୀବିହାର, ବିନାୟକ ବଜାର ଏବଂ ତହସିଲ ରୋଡ଼ ଭଳି ଜନବହୁଳ ଅଞ୍ଚଳରେ ବର୍ଷା ପାଣି ସହ ନାଳ ନର୍ଦ୍ଦମା ପାଣି ରାସ୍ତା ଉପରକୁ ଉଠି ଆସିଥିବାରୁ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ରାସ୍ତାରେ ପାଣି ଜମି ରହିବା ଯୋଗୁଁ ପଥଚାରୀ ଓ ଯାନବାହନ ଚାଳକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ମ୍ୟୁନିସିପାଲିଟିକୁ ଉନ୍ନୀତ ହେବା ପରେ ମଧ୍ୟ ସହରର ଡ୍ରେନେଜ୍ ବ୍ୟବସ୍ଥାରେ ଆଖିଦୃଶିଆ ସୁଧାର ଆସିନାହିଁ। ନାଳଗୁଡ଼ିକର ନିୟମିତ ସଫେଇ ଓ ବର୍ଷା ପାଣି ନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା ନଥିବାରୁ ସାମାନ୍ୟ ବର୍ଷାରେ ମଧ୍ୟ ଏଭଳି ପରିସ୍ଥିତି ଉପୁଜୁଛି। ସହରବାସୀ ଶୀଘ୍ର ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ଓ ନାଳ ନର୍ଦ୍ଦମାର ନିୟମିତ ସଫେଇ ପାଇଁ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି।

ବାଲିପଦରରେ ମହିଳା ସିଟି ସାଇକ୍ଲିଙ୍ଗ ଲିଗ୍

ପୋଲସରା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ବୁଗୁଡା ବ୍ଲକ ଅନ୍ତର୍ଗତ ବାଲିପଦର ଠାରେ ଅସ୍ମିତା ମହିଳା ସିଟି ସାଇକ୍ଲିଙ୍ଗ ଲିଗ ଏବଂ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମ ସାଇକ୍ଲିଙ୍ଗ ଫେଡେରେସନ ଅଫ ଇଣ୍ଡିଆ ଓ ଓଡିଶା ସାଇକ୍ଲିଙ୍ଗ ସଂଘ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ବେଳେ ବୁଗୁଡା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୭୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ସାଇକ୍ଲିଙ୍ଗ ସଂଘର ପତାକା ଦେଖାଇ ଶୁଭାରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିଜେପି ମହିଳା ମୋର୍ଚ୍ଚା ସଭାପତି ତଥା ଆସିକା ଏନଏସି ପୂର୍ବତନ ଅଧ୍ୟକ୍ଷା ମଧୁସ୍ମିତା ପୋଲାଇ, ବାଲିପଦର ପୋଲିସ ଅଧିକାରୀ ନିଳାଦ୍ରୀ ରେଡି ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଅଂଶଗ୍ରହଣକାରୀ ଛାତ୍ରୀ ମାନେ ବାଲିପଦର ଛକ ଠାରୁ ଏକଡାଳ ଛକ ପର୍ଯ୍ୟନ୍ତ ସାଇକେଲ ଚଲାଇ ନିଜ ନିଜର ଦକ୍ଷତା, ଉତ୍ସାହ ଓ କ୍ରୀଡା ମନୋଭାବର ପରିଚୟ ଦେଖାଇଥିଲେ । ତୃଣମୂଳ ସ୍ତରରେ ମହିଳା ଏବଂ ବାଳିକା ମାନଙ୍କୁ ସାଇକେଲ ଚାଳନା କ୍ଷେତ୍ରରେ ଆଗେଇ ଆସିବାକୁ ସୁଯୋଗ ଦେବା ସହ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ଏବଂ ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଏ ?ହାର ଲକ୍ଷ୍ୟ ବୋଲି ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ ଆୟୋଜନ ଓ ପରିଚାଳନା ଦିଗରେ ପି.କେ.ବିଷୋୟୀ, ଅକ୍ଷୟ ବିଷୋୟୀ, ଅଜୟ ଜେନା, ରାଜଗୋପାଳ ବିଷୋୟୀ, ରଞ୍ଜିତ ପାତ୍ର ଏବଂ ଚିନ୍ମୟ ଜେନା ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି । ଶେଷରେ ଏହି ସାଇକ୍ଲିଙ୍ଗ ଲିଗ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।



ବିଶ୍ୱ ସାଇକେଲ ଦିବସ ଅବସରରେ

ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ୨ ପ୍ରକଳ୍ପ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ

ଛତ୍ରପୁର (ଅମୃତ ମିଡିଆ): ଓଡିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଗଞ୍ଜାମ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଂସାରୀ ଗଣ୍ଡ ଓ ଗଙ୍ଗାପୁର ସ୍ଥିତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରଥମେ ଋଷିକୁଲ୍ୟା ନଦୀ ଉପରେ କଂସାରୀଗଣ୍ଡ ବ୍ୟାରେଜ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଏହାର ଭିତ୍ତିଭୂମି ତଦାରଖ କରିଛନ୍ତି । ଏହି ପ୍ରକଳ୍ପଟି ୧୮ ଅକ୍ଟୋବର ୨୦୨୨ ଆରମ୍ଭ ହୋଇଥିଲା ମାତ୍ର ୨୦୨୫ ମସିହା ଅକ୍ଟୋବର ମାସ ୧୭ ତାରିଖ ରେ ଶେଷ ହେବା ର ଥିଲା କ୍ଷ ତେବେ ଏହାର ସମୟ ସୀମା ବୃଦ୍ଧି କରାଯାଇ ୨୦୨୭ ମସିହା ଅଗଷ୍ଟ ମାସ ୧ ତାରିଖ ସୁଦ୍ଧା ଶେଷ କରିବା ପାଇଁ ଧାର୍ଯ୍ୟ କରାଯାଇଛି । ଏହାକୁ ନିର୍ଦ୍ଧାରିତ ସମୟସୀମା ତଥା ମଧ୍ୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୧୫୨.୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପର କାର୍ଯ୍ୟ ଶେଷ ହେଲେ ୨ ଟି ସହରାଞ୍ଚଳ ସମେତ ୧୬ ଟି ଗ୍ରାମର ୧ ଲକ୍ଷ ୫୨ ହଜାର ୬୦୦ ଜନସାଧାରଣ ଉପକୃତ ହୋଇପାରିବେ । ପ୍ରାୟ ୨୦୪ ମିଟର ଦୈର୍ଘ୍ୟ ଯାଗାରେ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ଉଭୟ ଛତ୍ରପୁର ଓ ଗଞ୍ଜାମ ବ୍ଲକରେ ପାନୀୟ ଜଳ ଯୋଗାଣ ସାଙ୍ଗକୁ ଜଳସେଚନ ଆଦି କ୍ଷେତ୍ରରେ ମଧ୍ୟ ସୁବିଧା ହୋଇପାରିବ । ଏଣୁ ଏହି ପ୍ରକଳ୍ପ ଉପଯୋଗୀ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ । ସେହିପରି ଛତ୍ରପୁର ବ୍ଲକର ପୋଟଲାମପୁର ପଂଚାୟତ ଅନ୍ତର୍ଗତ ଗଙ୍ଗାପୁର ଠାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକୁ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ । ସୂଚନା ଯୋଗ୍ୟ ଯେ, ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ଛତ୍ରପୁର ବ୍ଲକର ସମସ୍ତ ପଂଚାୟତ ଓ ଗଞ୍ଜାମ ବ୍ଲକର ୨ ଟି ପଂଚାୟତ, ରଙ୍ଗେଇଲୁଣ୍ଡା ବ୍ଲକର ୩୧ଟି ପଂଚାୟତ ର ମୋଟ ୧୫୫ ଟି ଗ୍ରାମର ୩ ଲକ୍ଷ ୪୨ ହଜାର ୪୨୧ ଜନସାଧାରଣ ଉପକୃତ ହୋଇପାରିବେ । ଏହି ପ୍ରକଳ୍ପଟି ୨୦୨୧ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏହାର କାର୍ଯ୍ୟ ଏବେ ସୁଦ୍ଧା ଶେଷ ହୋଇପାରିନାହିଁ । ବହୁ ବିଳମ୍ବ ଘଟିଛି । ଏବେ ନୂତନ ସରକାର ଆସିବା ପରେ ଏହାର ସବୁ ଦିଗ ପ୍ରତି ଧ୍ୟାନ ଦିଆଯାଉଛି । ଏହି ପ୍ରକଳ୍ପ କୁ ଶୀଘ୍ର ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କ ଏହି ସମୀକ୍ଷା ବେଳେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ୍ ?, ଗଞ୍ଜାମ ଜିଲ୍ଲା ପରିଷଦର ସିଡିଓ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ ଓ ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଜାନୀ ଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ମାନେ ଉପସ୍ଥିତ ଥିଲେ ।

ଗଞ୍ଜାମ ଜିଲ୍ଲା ବ୍ୟାଙ୍କ ସମୂହ ଅର୍ଥ ପରାମର୍ଶଦାତା କମିଟି ବୈଠକ

ଛତ୍ରପୁର (ଅମୃତ ମିଡିଆ): ଛତ୍ରପୁର ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଗଂଜାମ ଜିଲା ବ୍ୟାଙ୍କ ସମୂହ ପକ୍ଷରୁ ଅର୍ଥ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଂଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ହିତାଧିକାରୀ ମାନଙ୍କୁ ସଠିକ ଭାବେ ଋଣପ୍ରଦାନ କରିବା ନିମନ୍ତେ ଜିଲ୍ଲାପାଳ ସମସ୍ତ ଙ୍କୁ ପରାମର୍ଶ ଦେଇଛନ୍ତି । ଏହା ସହିତ ସମସ୍ତ ଯୋଜନା କିପରି ଲୋକେ ଜାଣୀପାରିବେ ସେଥିନିମନ୍ତେ ବ୍ୟାପକ ସଚେତନତା କରିବା ନିମେନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସର ରେ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ଜିଲ୍ଲା ଋଣ ଯୋଜନା ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଚଳିତ ଆର୍ଥିକ ବର୍ଷ ପାଇଁ ସମୁଦାୟ ପ୍ରାଥମିକତା କ୍ଷେତ୍ରରେ ମୋଟ ୨୧୬୫୯ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଅଣ ପ୍ରାଥମିକତା କ୍ଷେତ୍ରରେ ୯୮୧୬ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଜିଲାରେ ଥିବା ସମସ୍ତ ବ୍ୟାଙ୍କ ଉଚ୍ଚପଦସ୍ଥ କର୍ମଚାରୀ ଓ ବିଭିନ୍ନ ସହକାରୀ ବିଭାଗ ଅଧିକାରୀଙ୍କ ମିଳିତ ସହଯୋଗ ରେ ସମସ୍ତ ଲକ୍ଷ୍ୟ ପୂରଣ ନିମନ୍ତେ ଜିଲ୍ଲାପାଳ ଉପଦେଶ ଦେଇଥିଲେ । ଗଞ୍ଜାମ ଜିଲ୍ଲାର ସର୍ବ ମୋଟ ୩୪ବ୍ୟାଙ୍କ ସହ ବିଭିନ୍ନ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ରେ ୪୯୩ଟି ଶାଖାରହିଛି । ୨୦୨୬ ମାର୍ଚ୍ଚ ସୁଦ୍ଧା ସମସ୍ତ ବ୍ୟାଙ୍କ ରେ ମୋଟ ୩୬୬୦୭ କୋଟି ଟଙ୍କା ଜମା ସଂଗ୍ରହ କରାଯାଇଥିବା ବେଳେ ମୋଟ ୨୪୪୫୫ କୋଟି ଟଙ୍କା ଋଣପ୍ରଦାନ କରାଯାଇଛି ।ଯାହାକି ଋଣ ଓ ଜମାର ଅନୁପାତ ଶତକଡା ୬୬.୮୦ ପ୍ରତିଶତ ହୋଇଛି । ଏତତ୍ ବ୍ୟତିତ ଗତ ଆର୍ଥିକ ବର୍ଷ ୨୦୨୫-୨୬ ମାର୍ଚ୍ଚ ୨୬ ସୁଦ୍ଧା ପ୍ରାଥମିକତା କ୍ଷେତ୍ରରେ ଲକ୍ଷ୍ୟଧାର୍ଯ୍ୟ ର ଶତକଡା ୯୮ ପ୍ରତିଶତ ଋଣ ପ୍ରଦାନ କରାଯାଇଛି କ୍ଷ ଅଣପ୍ରାଥମିକତା କ୍ଷେତ୍ର ରେ ଶତକଡା ୭୫ ପ୍ରତିଶତ ଋଣ ପ୍ରଦାନ କରିଛନ୍ତି । ଏହା ସାଙ୍ଗ କୁ ସ୍ୱୟଂ ସହାୟିକା ଗୋଷ୍ଠୀ, କୃଷି, ଶିକ୍ଷ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନାରେ ଋଣ ପ୍ରଦାନ କରାଯାଇଛି । ସେହିପରି କେନ୍ଦ୍ର ଓ ରାଜ୍ୟସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନା ସଫଳ ରୁପାୟନ କରିବାପାଇଁ ସମସ୍ତ ବ୍ୟାଙ୍କ ଏବଂ ବିଭାଗିୟ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ , ୟୁନିୟନ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ସଂଗୀତା କୁଜୁର , ଆରବିଆଇ ଭୁବନେଶ୍ୱର ଏଲଡିଓ ରାହୁଲ୍‌କାନ୍ତେ , ନାର୍ବାଡର ଡିଡିଏମ୍ ସଂଜିବ ମିଶ୍ର , ଏଲଡିଏମ ହିମାଂଚଳ ସାହୁଙ୍କ ସମେତ ସମସ୍ତ ବ୍ୟାଙ୍କ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀ ମାନେ ଉପସ୍ଥିତଥିଲେ । ଶେଷରେ ଏଲଡିଏମ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।